PR No- 942/2026

OFFICE OF THE TAHASILDAR BARIPADA

# ତହସିଲଦାରଙ୍କ କାର୍ଯ୍ୟାଳୟ, ବାରିପଦା,ମୟୂରଭଞ୍ଜ

## ତୃତୀୟ ନିଲାମ ଇସ୍ତାହାର

ନଂ 3051 ତା 7/5/26

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ବାରିପଦା ତହସିଲର 2026-27 ଆର୍ଥିକ ବର୍ଷ ପାଇଁ ସୈରାତ ଉତ୍ସ (ଆମ୍ବ ବଗିଚା) ଗୁଡିକର ପ୍ରଥମ ଇସ୍ତାହାର ସଂଖ୍ୟା ନଂ. 2377 ତା 07.04.2026 ରିଖ ଏବଂ ଦ୍ୱିତୀୟ ଇସ୍ତାହାର ସଂଖ୍ୟା ନଂ. 2767 ତା. 23.04.2026 ରିଖରେ ତହସିଲଦାରଙ୍କ ଦ୍ୱାରା ଜଉମୁଦ (Sealed Tender) ମାଧମରେ ତା 05.05.2026 ରିଖ ରେ ନିଲାମ କରାଯିବା ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା । ଅଦ୍ୟ ତା 05.05.2026 ରିଖ ପରେ ଜଣଗଲା ଯେ ସୈରାତ ଉତ୍ସ ନଂ. 57/2025-26 ଏବଂ ନଂ 63/2025-26 ନିମନ୍ତେ କୌଣସି ନିଲାମିଦାରୀ ଆବେଦନ କରିନାହାନ୍ତି ।

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ବାରିପଦା ତହସିଲର 2026-27 ବର୍ଷ ପାଇଁ ନିମ୍ନଲିଖିତ ସୈରାତ ଉତ୍ସ ଗୁଡିକର ନିମ୍ନ କାର୍ଯ୍ୟ ସୂଚୀ ଅନୁଯାୟୀ ତହସିଲଦାରଙ୍କ ଦ୍ୱାରା ଜଉମୁଦ (Sealed Tender) ମାଧମରେ ନିଲାମ କରାଯିବ । ଏଥିପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଜଉମୁଦ ଲଫାପା ଆବେଦନ ପତ୍ର ଆହ୍ୱାନ କରାଯାଉଛି । ଆଗ୍ରହୀ ବ୍ୟକ୍ତିମାନେ ସୈରାତ ଉତ୍ସ ବାବଦ ଧାର୍ଯ୍ୟ ତାରିଖ ଓ ସମୟରେ ଉତ୍ସ ବାବଦ ସରକାରୀ ଧାର୍ଯ୍ୟମୂଲ୍ୟର (10) ପ୍ରତିଶତ ଅର୍ଥ ଅମାନତ ରୂପେ ତହସିଲ କାର୍ଯ୍ୟାଳୟ ନାଜିରଙ୍କ ଠାରେ ଦଖଲ କରି ଆବେଦନ ଫର୍ମ , ସବିଶେଷ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ପାଇ ପାରିବେ ଏବଂ ତାହାର ରସିଦ ଆବେଦନ ପତ୍ରରେ ସଂଲଗ୍ନପୂର୍ବକ ଜଉମୁଦ ଲଫାପାରେ ବାରିପଦା ତହସିଲ କାର୍ଯ୍ୟାଳୟସ୍ଥ ନିର୍ଦ୍ଧାରିତ ବାକ୍ସରେ ଧାର୍ଯ୍ୟ ତାରିଖ ଓ ସମୟରେ ପକାଇବେ । ଜଉମୁଦ ଲଫାପା ଉପରେ ସୈରାତ ଉତ୍ସର ନାମ ଏବଂ ଲଫାପା ଭିତରେ ଆବେଦନକାରୀଙ୍କ ନାମ, ସଂପୂର୍ଣ୍ଣ ଠିକଣାସହ କେତେ ମୂଲ୍ୟରେ ନିଲାମ ନେବାକୁ ଚାହୁଁଛନ୍ତି ତାହା ସ୍ପଷ୍ଟ ଉଲ୍ଲେଖ କରିବେ । ଏଥିସହ ଆବେଦନକାରୀ ତାଙ୍କର ଆଧାର କାର୍ଡ ଓ ପାନ କାର୍ଡ ସଂଲଗ୍ନ କରିବେ । ଜଉମୁଦ ଲଫାପା ଆବେଦନ ପତ୍ର ପାଇବାର ତାରିଖ ଓ ସମୟ ନିମ୍ନ ସାରଣୀରେ ପ୍ରଦତ୍ତ ହେଲା ,ଏହା ପରେ ଆଉ କୌଣସି ଆବେଦନ ପତ୍ର ଗ୍ରହଣୀୟ ନୁହେଁ । ନିଲାମ ବାକ୍ସରେ ପଡିଥିବା ଜଉମୁଦ ଆବେଦନ ପତ୍ରଗୁଡିକ ନିମ୍ନ କାର୍ଯ୍ୟସୂଚୀ ମତେ , ତହସିଲଦାର ବାରିପଦାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଆବେଦନକାରୀ ମାନଙ୍କ ସମ୍ମୁଖରେ ଖୋଲାଯିବ ଏବଂ ସର୍ବୋଚ୍ଚ ଜଉମୁଦ ନିଲାମଧାରୀଙ୍କ ପକ୍ଷରେ ନିଲାମ ଗୃହୀତ ହେବ ।

ଏତଦ୍ ବ୍ୟତୀତ ସର୍ବୋଚ୍ଚ/ ଯୋଗ୍ୟ ବିବେଚିତ ନିଲାମଧାରି ସମସ୍ତ ପ୍ରାପ୍ୟ ଏକକାଳୀନ ପୈଠ କରିବେ, ନଚେତ ଅମାନତ ଟଙ୍କା ବାଜ୍ୟାପ୍ତ କରାଯିବ । ଯୋଗ୍ୟ ବିବେଚିତ ନିଲାମଧାରୀଙ୍କ ବ୍ୟତୀତ ଅନ୍ୟମାନେ ଅମାନତ ଅର୍ଥ ନିଲାମ ଚୂଡାନ୍ତ ପରେ ଫେରସ୍ତ ପାଇବେ । ଯୋଗ୍ୟ ବିବେଚିତ ନିଲାମଧାରୀ MTA ରେ ଉଲ୍ଲେଖିତ ସର୍ତ୍ତାବଳୀ , କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ ତଥା ଏହାଉପରେ ସରକାରଙ୍କ ପରିବର୍ତ୍ତିତ ନିୟମାବଳୀ ( ଯଦି ଭବିଷ୍ୟତରେ ଜାରି ହୁଏ ) ର ପରିସରଭୁକ୍ତ ରହିବେ ।

## କାର୍ଯ୍ୟସୂଚୀ

| କ୍ରମିକ ସଂଖ୍ୟା | ସୈରାତର ନାମ | ଅବସ୍ଥିତ ଓ ବିବରଣୀ | ଅବଧାରିତ ମୂଲ୍ୟ | ଜଉମୁଦ ନିଲାମ ଖୋଲା ହେବା ସ୍ଥାନ | ଆବେଦନ ଫର୍ମ ପାଇବାର ଶେଷ ତାରିଖ ଓ ସମୟ | ଜଉମୁଦ ନିଲାମ ଲଫାପା ଖୋଲା ହେବାର ତାରିଖ ଓ ସମୟ |
|---|---|---|---|---|---|---|
| 1 | **Mango Orchard of Chhancha ( TMC NO- 57/2025-26)** | ମୌଜା-ଛାଞ୍ଚ<br>ଖାତା ନଂ 267<br>ପ୍ଲଟନଂ -187, 170<br>କିସମ - ବଗାୟାତ ଦୁଇ<br>ରକବା-ଏ 13.88 | **Rs. 52,800/-** | ତହସିଲ କାର୍ଯ୍ୟାଳୟ ବାରିପଦା | **ତା 14.05.2026 ଦିବା 1.00 PM** ମଧ୍ୟରେ | **ତା 15.05.2026 ଦିବା 11.00** ଘଟିକା |
| 2 | **Mango Orchard of Nayapurusottampur ( TMC NO- 63 /25-26)** | ମୌଜା- ନୟାପୁରୁଷୋତ୍ତମପୁର<br>ଖାତା ନଂ- 95<br>ପ୍ଲଟନଂ -8, 10, 28, 35/1, 35/586/1<br>କିସମ ବଗାୟାତ ଦୁଇ ,ତାହି ଦୁଇ ରକବା- ଏ 32.97 | **Rs. 6,94,210/-** | ତହସିଲ କାର୍ଯ୍ୟାଳୟ ବାରିପଦା | **ତା 14.05.2026 ଦିବା 1.00 PM** ମଧ୍ୟରେ | **ତା 15.05.2026 ଦିବା 11.00** ଘଟିକା |

ତହସିଲଦାର, ବାରିପଦା

TAHASILDAR
BARIPADA

ପରିପତ୍ର ସଂଖ୍ୟା 3052 / ତଉଜି, ତା 07/05/26 ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ତଥା ଜିଲ୍ଲା କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ବାରିପଦାଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ତଥା କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବାରିପଦା

TAHASILDAR
BARIPADA

ପରିପତ୍ର ସଂଖ୍ୟା 3053 / ତଉଜି, ତା 07/05/26 ରିଖ

ଏହାର ଏକକିତା ନକଲ ବାରିପଦା ତହସିଲ କାର୍ଯ୍ୟାଳୟ ନୋଟିସ୍ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ପରିଦର୍ଶକ ବାରିପଦା , ରାଜସ୍ୱ ନିରୀକ୍ଷକ ବାରିପଦା- ୩ / ବୁଢ଼ୀଖମାରି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଗଲା କି ଉପରୋକ୍ତ ସୈରାତ ଉତ୍ସ ନିଲାମ ସମ୍ପର୍କରେ ସମ୍ପୃକ୍ତ ଗ୍ରାମରେ ଡେଙ୍ଗୁରା ଦ୍ୱାରା ଗ୍ରାମବାସୀ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନିଜ କାର୍ଯ୍ୟାଳୟ ନୋଟିସ୍ ଫଳକରେ ପ୍ରକାଶିତ କରିବେ।

ଏହାର ଏକକିତା ନକଲ ବ୍ଲକ ଉନ୍ନୟନ ଅଧିକାରୀ, ବାରିପଦା/ ଭାରପ୍ରାପ୍ତ ଅଧିକାରୀ, ବାରିପଦା ଟାଉନ ଓ ବେତନଟୀ ଥାନା / କାର୍ଯ୍ୟନିର୍ବାହି ଅଧିକାରୀ ବାରିପଦା ମ୍ୟୁନିସିପାଲଟି ଓ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ବୁଢ଼ୀଖମାରି ଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ପରିଚାଳକ, ମୟୂରଭଞ୍ଜ ଙ୍କୁ ଜିଲ୍ଲା ୱେବସାଇଟ ରେ ପରିପ୍ରକାଶ ନିମନ୍ତେ ପଠାଗଲା ।

ତହସିଲଦାର, ବାରିପଦା

TAHASILDAR
BARIPADA